ବେବି

ବନାମ

ତ୍ରାଭାନକୋର ଦେବସ୍ୱମ ମଣ୍ଡଳୀ ଏବଂ ଅନ୍ୟମାନେ

ନଭେମ୍ବର 6,1998

[ଏସ୍.ବି.ମଜମୁଦାର ଏବଂ ଏମ୍. ଜଗନ୍ନାଧ ରାଓ, ନ୍ୟାୟମୂର୍ତ୍ତିଦ୍ୱୟ]

*କେରଳ ଭୂମି ସଂସ୍କାର ଅଧିନିୟମ, 1963:ଧାରା 103 ।*

*ପୁନରୀକ୍ଷଣ-ଉଚ୍ଚ ନ୍ୟାୟାଳୟର କ୍ଷମତା- ପରିସର - ପ୍ରକାଶନ " ଭୁଲ ଭାବରେ ନିଷ୍ପତ୍ତି ନେଇଛି କିମ୍ବା ଆଇନର କୌଣସି ପ୍ରଶ୍ନର ନିଷ୍ପତ୍ତି ନେବାରେ ବିଫଳ ହୋଇଛି" ଅର୍ଥାତ୍- ଅପିଲକାରୀ ରୟତ ଚାଷୀ ଥିଲେ କି ନାହିଁ ବୋଲି ପ୍ରଶ୍ନ - ନ୍ୟାୟାଧିକରଣ ଦ୍ୱାରା ନ୍ୟାୟିକ କାର୍ଯ୍ୟବିଧି ସମେତ ପ୍ରାସଙ୍ଗିକ ଦସ୍ତାବିଜ ବିଚାରହୀନତା - ଦର୍ଶାଯାଇଛି,ନ୍ୟାୟାଧିକରଣ ନା ଆଇନ ଗତ ପ୍ରଶ୍ନର ଭୁଲ ନିଷ୍ପତ୍ତି ନେଇଛନ୍ତି ନା ଆଇନ ଗତ ପ୍ରଶ୍ନର ନିଷ୍ପତ୍ତି ନେବାରେ ବିଫଳ ହୋଇଛନ୍ତି - କିନ୍ତୁ ଉଚ୍ଚ ନ୍ୟାୟାଳୟ ସମ୍ବିଧାନର ଧାରା 227 ଅନୁଯାୟୀ ନ୍ୟାୟାଧିକରଣର ଆଦେଶକୁ ରଦ୍ଦ କରିଦେଇଛନ୍ତି - ଦର୍ଶାଯାଇଛି, ଧାରା 136 ଅନୁଯାୟୀ କୌଣସି ହସ୍ତକ୍ଷେପ ପାଇଁ ଆହ୍ୱାନ କରାଯାଇ ନଥିଲା - ଧାରା 227 ଅନୁଯାୟୀ ଉଚ୍ଚ ନ୍ୟାୟାଳୟର କ୍ଷମତା ଧାରା 103 ଅନୁଯାୟୀ ସଂଶୋଧନର କ୍ଷମତା ସହିତ ଅତିରିକ୍ତ ଅଟେ - ପ୍ରାସଙ୍ଗିକ ଦସ୍ତାବିଜଗୁଡ଼ିକର ବିଚାର ନକରିବା ଦ୍ୱାରା ମିଳିଥିବା ତଥ୍ୟର ଅନୁସନ୍ଧାନ ଧାରା 227 ଅନୁଯାୟୀ ଉଚ୍ଚ ନ୍ୟାୟାଳୟଦ୍ୱାରା ନାକଚ କରାଯାଇପାରିବ ।*

*ଭାରତର ସମ୍ବିଧାନ, 1950 :ଧାରା 227*

*ଉଚ୍ଚ ନ୍ୟାୟାଳୟ-ତତ୍ତ୍ୱାବଧାନ କ୍ଷେତ୍ରାଧିକାର-ନ୍ୟାୟାଧିକରଣ - ତଥ୍ୟର ଅନୁସନ୍ଧାନ ହୋଇଅଛି-ପ୍ରାସଙ୍ଗିକ ଦସ୍ତାବିଜଗୁଡ଼ିକୁ ବିଚାର ନକରିବା - ଉଚ୍ଚ ନ୍ୟାୟାଳୟ ଏପରି ସିଦ୍ଧାନ୍ତକୁ ନାକଚ କରିପାରିବେ - ଉଚ୍ଚ ନ୍ୟାୟାଳୟର ଏପରି କ୍ଷମତା ପୁନରୀକ୍ଷଣ କ୍ଷମତା ସହିତ ଅତିରିକ୍ତ ।*

ଦେୱାନୀ ଅପିଲ କ୍ଷେତ୍ରାଧିକାର :ଦେୱାନୀ ଅପିଲ ସଂଖ୍ୟା 5502-5504 /1998

ସି.ଆର୍.ପି. ସଂଖ୍ୟା 599-601/1990ରେ କେରଳ ଉଚ୍ଚନ୍ୟାୟାଳୟର 7.4.97 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀ ପାଇଁ ପି.ଏସ୍.ପୋଟି ଏବଂ ସୁଶ୍ରୀ ମାଳିନୀ ପୋଡୁୱାଲ ।

ଉତ୍ତରଦାତାମାନଙ୍କ ପାଇଁ ପି. କୃଷ୍ଣମୂର୍ତ୍ତି ଏବଂ କେ. ସୁକୁମାରନ, ସୁଶ୍ରୀ ଭି ମୋହାନା, ସୁଶ୍ରୀ ଏସ୍. କାର୍ତ୍ତିକା, ଜୟନାଥନ, ଜନ୍ ମାଥ୍ୟୁ, ସୁଶ୍ରୀ ବେବି କ୍ରିଷ୍ଣନ ଏବଂ କେ. ଏମ୍. କେ. ନାୟାର ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଯାଇଥିଲା ।

କେରଳ ଭୂମି ସଂସ୍କାର ଅଧିନିୟମ(ଏଠାରେ ପରେ ଅଧିନିୟମ ଭାବରେ ଉଲ୍ଲେଖ କରାଯାଇଛି) ଅଧୀନରେ ଦିଆଯାଇଥିବା ସଂଶୋଧନରେ ଉଚ୍ଚନ୍ୟାୟାଳୟଙ୍କ ରାୟ ବିରୁଦ୍ଧରେ ଏହି ଅପିଲଗୁଡ଼ିକ ଦାୟର କରାଯାଇଛି ।

ଉଚ୍ଚନ୍ୟାୟାଳୟ 20 ଡିସେମ୍ବର, 1989 ରେ ଅପିଲ ପ୍ରାଧିକାରୀଙ୍କ ରାୟକୁ ରଦ୍ଦ କରିଦେଇଥିଲେ ଯାହା 24 ନଭେମ୍ବର, 1980 ରେ ଜମି ନ୍ୟାୟାଧିକରଣର ଆଦେଶକୁ ନିଶ୍ଚିତ କରିଥିଲା । ନ୍ୟାୟାଧିକରଣ ସମ୍ମୁଖରେ ପକ୍ଷମାନଙ୍କ ମଧ୍ୟରେ ବିବାଦ ଥିଲା ଯେ, ଆମ ସମ୍ମୁଖରେ ଅପିଲକାରୀ ଚାଷ କରୁଥିବା ରୟତ ଚାଷୀ ଥିଲେ କି ନାହିଁ ।

ଏହି ଅପିଲଗୁଡ଼ିକରେ ଏକ ସୀମିତ ନୋଟିସ ଜାରି କରାଯାଇଥିଲା ଯେ, ଉଚ୍ଚନ୍ୟାୟାଳୟ ଅଧିନିୟମର ଧାରା 103 ଅନୁଯାୟୀ ଏହାର କ୍ଷେତ୍ରାଧିକାର ମଧ୍ୟରେ କାର୍ଯ୍ୟ କରିଛନ୍ତି କି ନାହିଁ ସେହି ଧାରା ନିମ୍ନଲିଖିତ ପ୍ରକାର :

"103, ଉଚ୍ଚ ନ୍ୟାୟାଳୟ ଦ୍ୱାରା ପୁନରୀକ୍ଷଣ :- ( 1) କୌଣସି ବ୍ୟକ୍ତି ବ୍ୟଥିତ ହେଲେ -

(i) ଜମି ନ୍ୟାୟାଧିକରଣର ଆଦେଶ ବିରୁଦ୍ଧରେ ଅପିଲରେ ପାରିତ କୌଣସି ଚୂଡ଼ାନ୍ତ ଆଦେଶ; କିମ୍ବା

(ii) ଏହି ଅଧିନିୟମ ଅନୁଯାୟୀ ଜମି ମଣ୍ଡଳ ଦ୍ୱାରା ପାରିତ କୌଣସି ଚୂଡ଼ାନ୍ତ ଆଦେଶ; କିମ୍ବା

(iii) ଏହି ଅଧିନିୟମ ଅନୁଯାୟୀ ତାଲୁକ ଜମି ମଣ୍ଡଳର କୌଣସି ଚୂଡ଼ାନ୍ତ ଆଦେଶ,

ନିର୍ଦ୍ଧାରିତ ସମୟ ମଧ୍ୟରେ, ଅପିଲ କର୍ତ୍ତୃପକ୍ଷ କିମ୍ବା ଭୂମି ମଣ୍ଡଳୀ, କିମ୍ବା ଯଥାସ୍ଥିତି ତାଲୁକା ଭୂମି-ମଣ୍ଡଳୀ, ଭୁଲ ଭାବରେ ନିଷ୍ପତ୍ତି ନେଇଛନ୍ତି କିମ୍ବା କୌଣସି ବିଧିଗତ ପ୍ରଶ୍ନର ନିଷ୍ପତ୍ତି

ନେବାରେ ବିଫଳ ହୋଇଛନ୍ତି ବୋଲି ଆଧାରରେ ଆଦେଶ ବିରୁଦ୍ଧରେ ଉଚ୍ଚ ନ୍ୟାୟାଳୟରେ ଆବେଦନ କରିପାରିବେ । ”

ଅପିଲକାରୀଙ୍କ ପକ୍ଷରୁ ଜଣେ ବିଜ୍ଞ  ବରିଷ୍ଠ ଅଧିବକ୍ତା ଯୁକ୍ତି ଦର୍ଶାଇଥିଲେ ଯେ, ତାଲୁକ ଭୂମି-ମଣ୍ଡଳୀ ଏବଂ ଅପିଲ କର୍ତ୍ତୃପକ୍ଷ କୌଣସି ଆଇନଗତ ପ୍ରଶ୍ନର ନିଷ୍ପତ୍ତି ନେବାରେ ବିଫଳ ହୋଇନାହାଁନ୍ତି କିମ୍ବା ଏପରି କୌଣସି ପ୍ରଶ୍ନର ଭୁଲ ନିଷ୍ପତ୍ତି ନିଆଯାଇଛି ବୋଲି କୁହାଯାଇପାରିବ ନାହିଁ ।ଉଚ୍ଚ ନ୍ୟାୟାଳୟ ଏହି ଆଧାରରେ ନ୍ୟାୟାଧିକରଣର ଆଦେଶରେ ହସ୍ତକ୍ଷେପ କରିଥିଲେ ଯେ, ନ୍ୟାୟିକ କାର୍ଯ୍ୟବିଧି ସମେତ ଅନେକ ତଥ୍ୟଗତ ଦସ୍ତାବିଜ ନ୍ୟାୟାଧିକରଣ ଦ୍ୱାରା ପ୍ରମାଣିତ ହୋଇନାହିଁ । ଉଚ୍ଚନ୍ୟାୟାଳୟ ଦର୍ଶାଇଛନ୍ତି ଯେ, ଏହି ଦସ୍ତାବିଜଗୁଡ଼ିକର ଆଇନଗତ ପ୍ରଭାବ ନ୍ୟାୟାଧିକରଣ ଦ୍ୱାରା ବିଚାର କରାଯାଇ ନାହିଁ । ଏହି ଆଧାରରେ, ଯୁକ୍ତି କରାଯାଇଥିଲା ଯେ,ଉଚ୍ଚନ୍ୟାୟାଳୟ ଅଧିନିୟମର ଧାରା 103 ଅନୁଯାୟୀ ହସ୍ତକ୍ଷେପ କରିବାର ଅଧିକାରପ୍ରାପ୍ତ କରିନାହାଁନ୍ତି । ଅପିଲକାରୀଙ୍କ ପାଇଁ ବିଜ୍ଞ ବରିଷ୍ଠ ଅଧିବକ୍ତା ଉପସ୍ଥାପନ କରିଥିଲେ ଯେ, ଯଦି କିଛି ଦସ୍ତାବିଜ ବିଚାର କରାଯାଇ ନଥାଏ କିମ୍ବା ସେମାନଙ୍କର ଆଇନଗତ ପ୍ରଭାବକୁ ବିଚାରକୁ ନିଆଯାଇ ନଥାଏ, ତଥାପି ତାହା ବିଧିଗତ ପ୍ରଶ୍ନର ଏକ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି କିମ୍ବା ଆଇନଗତ ପ୍ରଶ୍ନର ନିଷ୍ପତ୍ତି ନେବାରେ ବିଫଳତା ଭାବରେ ଗଣ୍ୟ ହୁଏ ନାହିଁ । ଅପିଲକାରୀଙ୍କ ପାଇଁ ବିଜ୍ଞ ବରିଷ୍ଠ ଅଧିବକ୍ତା ଦାଖଲ କରିଥିଲେ ଯେ, ପ୍ରଜାସ୍ୱତ୍ୱ  ଅସ୍ତିତ୍ୱର ପ୍ରଶ୍ନ ଏକ ତଥ୍ୟଗତ ପ୍ରଶ୍ନ ଏବଂ ଯଦି ସେହି ସମ୍ବନ୍ଧରେ ପ୍ରାସଙ୍ଗିକ କେତେକ ଦସ୍ତାବିଜକୁ ବିଚାରକୁ ନିଆଯାଏ ନାହିଁ, ତେବେ ଏହା କୁହାଯାଇପାରିବ ନାହିଁ ଯେ, ଆଇନଗତ ପ୍ରଶ୍ନ ଭୁଲ ଭାବରେ ନିଷ୍ପତ୍ତି ନିଆଯାଇଥିଲା କିମ୍ବା ନିଷ୍ପତ୍ତି ହୋଇନଥିଲା ।

" ଭୁଲ ଭାବରେ ନିଷ୍ପତ୍ତି ନେଇଛନ୍ତି କିମ୍ବା ଆଇନର କୌଣସି ପ୍ରଶ୍ନର ନିଷ୍ପତ୍ତି ନେବାରେ ବିଫଳ ହୋଇଛନ୍ତି " ଶବ୍ଦଗୁଡ଼ିକର ଅର୍ଥ ସମ୍ପର୍କରେ ଅପିଲକାରୀଙ୍କ ପାଇଁ ବିଜ୍ଞ ବରିଷ୍ଠ ଅଧିବକ୍ତାଙ୍କ ଯୁକ୍ତିରେ ଆମେ ଯଥେଷ୍ଟ ଦୃଢ଼ତା ପାଉଛୁ । ଏହି ମାମଲାର ତଥ୍ୟ ଉପରେ ବିଜ୍ଞ ବରିଷ୍ଠ ଅଧିବକ୍ତା ଦର୍ଶାଇଛନ୍ତି ଯେ, ନିମ୍ନ ନ୍ୟାୟାଧିକରଣମାନେ ଆଇନଗତ ପ୍ରଶ୍ନକୁ ଭୁଲ ଭାବରେ ନିଷ୍ପତ୍ତି ନେଇ ନାହାଁନ୍ତି କିମ୍ବା ବିଧିଗତ ପ୍ରଶ୍ନ ନିଷ୍ପତ୍ତି କରିବାରେ ବିଫଳ ହୋଇ ନାହାଁନ୍ତି । କେତେକ ନ୍ୟାୟିକ କାର୍ଯ୍ୟବିଧି ପ୍ରାସଙ୍ଗିକତା ସମେତ ପ୍ରାସଙ୍ଗିକ ଦସ୍ତାବିଜଗୁଡ଼ିକୁ କେବଳ ବିଚାର ନକରିବା ଅଧିନିୟମ ଧାରା 103 ମଧ୍ୟରେ କଡ଼ାକଡି ଭାବରେ ଆସିବ ନାହିଁ ।

କିନ୍ତୁ ଏହା, ଆମ ମତରେ, ପ୍ରସଙ୍ଗର ଶେଷ ନୁହେଁ । ଯଦି ପ୍ରାସଙ୍ଗିକ ଏବଂ ତଥ୍ୟଗତ ଦସ୍ତାବିଜ ଗୁଡ଼ିକୁ ବିଚାର ନ କରି ତଥ୍ୟର ନିଷ୍କର୍ଷ ଉପନୀତ ହୋଇଥାନ୍ତା, ଯାହାର ବିଚାର ବିପରୀତ

ନିଷ୍କର୍ଷ ଆଣିପାରିଥାନ୍ତା, ତେବେ ଭାରତୀୟ ସମ୍ବିଧାନର ଧାରା 227 ଅନୁଯାୟୀ ଉଚ୍ଚ ନ୍ୟାୟାଳୟଙ୍କ ପାଖରେ ନ୍ୟାୟାଧିକରଣ ଗୁଡ଼ିକ ଦ୍ୱାରା ଦିଆଯାଇଥିବା ଆଦେଶକୁ ରଦ୍ଦ କରିବାର କ୍ଷମତା ଏପର୍ଯ୍ୟନ୍ତ ଥିଲା । ଭାରତୀୟ ସମ୍ବିଧାନ ଅନୁଯାୟୀ ଉଚ୍ଚନ୍ୟାୟାଳୟର ଏହି କ୍ଷମତା ସର୍ବଦା ଆଇନର ଧାରା 103 ଅନୁଯାୟୀ ପୁନରୀକ୍ଷଣର କ୍ଷମତା ସହିତ ଅତିରିକ୍ତ ଅଟେ । ଏହି ଦୃଷ୍ଟିରୁ ଉଚ୍ଚନ୍ୟାୟାଳୟ ନ୍ୟାୟାଧିକରଣ ଗୁଡ଼ିକର ଆଦେଶକୁ ଠିକ ଭାବରେ ରଦ୍ଦ କରିଛନ୍ତି ।ତେଣୁ ଆମେ ଭାରତୀୟ ସମ୍ବିଧାନର ଧାରା 136 ଅଧୀନରେ ହସ୍ତକ୍ଷେପ କରୁନାହୁଁ । ଅପିଲଗୁଡ଼ିକ ବିଫଳ ହୁଏ ଏବଂ ଖାରଜ କରାଯାଉଛି ।

କୌଣସି ଖର୍ଚ୍ଚ ନାହିଁ ।

ଟି.ଏନ୍. ଏ.

ଅପିଲ ଖାରଜ ହୋଇଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷା ରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କାରଣ ଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶୁଭଶ୍ରୀ ମିଶ୍ର**

**ଓଡ଼ିଶା ଉଚ୍ଚ ନ୍ୟାୟାଳୟ**